# ପ୍ରଥମ ଜିଲାସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତା

ଭଦ୍ରକ,୨୬ା୧୧(ସନାତନ ରାଉତ/ ରବିନାରାୟଣ ଖିଲାର)



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ରବିବାର ପ୍ରଥମ ଜିଲାସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସକାଳେ ଧାମରା ରେଲୱେ ଫ୍ଲାଏଓଭର ବ୍ରିଜ୍‌ଠାରୁ ପ୍ରତିଯୋଗୀମାନେ ସାଇକ୍ଲିଂ କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ଛାତ୍ରୀଛାତ୍ର ଓ ଅବସରପ୍ରାପ୍ତ ଯବାନ ମୋଟ ୫୦୩ଜଣ ପ୍ରତିଯୋଗୀଙ୍କୁ ବୟସ ବର୍ଗ ଅନୁସାରେ ୮ ଶ୍ରେଣୀରେ ଭାଗ କରାଯାଇଥିଲା। ପ୍ରତିଯୋଗିତା ପରେ ଆସୋସିଏଶନର ସଭାପତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତି ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ରାଉତ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା କବାଡ଼ି ଆସୋସିଏଶନ ସମ୍ପାଦକ ଅଜୟ କୁମାର ବେହେରା, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଧୀରେନ ପଲାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସଭାପତି ଆଇନଜୀବୀ ବିଜୟ କୁମାର ଜେନା ସଞ୍ଚାଳନ କରିଥିଲେ। ସମ୍ପାଦକ ସଂଗ୍ରାମୀ ଦେବୀଦତ୍ତା ନାୟକ, ଯୁଗ୍ମ ସମ୍ପାଦକ ତଥା ଆଇନଜୀବୀ ଅତିଶ ବେହେରା, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଆଇନଜୀବୀ ଯତିକାନ୍ତ ନାୟକ, ଭବତୋଷ ଦାସ, ଉପେନ୍ଦ୍ର କୁମାର ବାରିକ, ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ଅଧ୍ୟାପକ ରବିନାରାୟଣ ଓଝା ପ୍ରମୁଖ ସହଯୋଗ କରିଥିଲେ।

# ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ଆରମ୍ଭ

ବାରିପଦା,୨୬ା୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବାରିପଦା ଭଞ୍ଜପୁରଠାରେ ପ୍ରସିଦ୍ଧ ୨୯ତମ ଆନ୍ତଃରାଜ୍ୟ ଜଗଦ୍ଧାତ୍ରୀ ମେଳା ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ମେଳାର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ଏସ୍.ସୁଶ୍ରୀ, ମେଳା କମିଟିର ଅଧ୍ୟକ୍ଷ ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା କମଳା ତିରିଆ, ସରସକଣା ପୂର୍ବତନ ବିଧାୟକ ଭାଦବ ହାଁସ୍‌ଦା ଓ ଗଣେଶ୍ୱର ପାତ୍ର, କମିଟିର ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ, ମେଳା କମିଟିର ଉପାଧ୍ୟକ୍ଷ ଜ୍ଞାନେନ୍ଦ୍ର ଦାସ, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ମୟୂରଭଞ୍ଜର କଳା, ସାହିତ୍ୟ ଓ ସଂସ୍କୃତିର ସ୍ୱାତନ୍ତ୍ରତା ରହିଥିବା ଏବଂ ବେସରକାରୀ ଉଦ୍ୟମରେ ଦୀର୍ଘ ବର୍ଷ ଧରି ସଫଳତା ସହ ଚାଲିଥିବା ଆକର୍ଷଣୀୟ ଜଗଦ୍ଧାତ୍ରୀ ମେଳା ପାଇଁ ଆୟୋଜକମାନଙ୍କର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ମେଳା ଆଗାମୀ ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ମେଳାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ପ୍ରବଚନ, ଦେଶାତ୍ମବୋଧ ନୃତ୍ୟ ଓ ଗୀତ ସହ କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମେଳାରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ଚଳିତ ବର୍ଷ ଦୁବାଇର ବୁର୍ଜ ଖଲିଫା ତୋରଣ ଓ ଆକର୍ଷଣୀୟ ଆଲୋକମାଳା ଦର୍ଶକଙ୍କୁ ମନ ମୋହୁଛି। ଅନେକ ହଜାର ଦର୍ଶକ ମେଳାର ମଜା ଉଠାଉଛି।




# 'ଶିକ୍ଷା ହେଉଛି ଜ୍ଞାନ ଗନ୍ତାଘରର ଚାବିକାଠି'

ଭୋଗରାଇ,୨୬ା୧୧(ପ୍ରଦୀପ ଦାସ)

## ରଜତ ଜୟନ୍ତୀ ସମାରୋହ

ଶିକ୍ଷା ହେଉଛି ଜ୍ଞାନ ଗନ୍ତାଘରର ଚାବିକାଠି। ବିଦ୍ୟାର୍ଥୀଙ୍କ ମଧ୍ୟରେ ଶୃଙ୍ଖଳା, ସଂଯମ, ଚରିତ୍ରଗଠନ, ଗୁରୁଭକ୍ତି, ଏକାଗ୍ରତା ରହିଲେ ସଫଳତା ଶୀର୍ଷରେ ପହଞ୍ଚିପାରିବେ। ଶନିବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରସନ୍ନ ଏକାଡେମୀ, ଝାଟିବଣୀ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ରଜତ ଜୟନ୍ତୀ କମିଟି ସଭାପତି ତଥା ଶିକ୍ଷାବିତ୍ ବିପଦ ଭଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ଶିକ୍ଷାନୁଷ୍ଠାନର ଅନ୍ୟତମ ରୂପକାର ବସନ୍ତ ବେହେରାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ ପରେ ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷଙ୍କ ପରିଚାଳନାରେ ଶିକ୍ଷକ ଦେବଶଙ୍କର ଦାସ ମଙ୍ଗଳାଚରଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଦାସ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି, ମୁଖ୍ୟବକ୍ତା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲାପରିଷଦ ସଦସ୍ୟ ନିବେଦିତା ମହାନ୍ତି, ସରପଞ୍ଚ ସିନ୍ଧୁବତୀ ଦଳାଇ ପ୍ରସନ୍ନ କୁମାର ଏକାଡେମୀ ୨୫ବର୍ଷର ଘାତ ପ୍ରତିଘାତ ଇତିହାସକୁ ରୋମନ୍ଥନ କରୁଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ପକ୍ଷରୁ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀହରି ଚରଣ ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଅଦୃଶ୍ୟ ଭୂତାଣୁର ଶେଷ କେଉଁଠି' ନାଟକ ମଞ୍ଚସ୍ଥ ହୋଇଥିଲା।







# ଶ୍ୱଶୁରଘରକୁ ଆସିଥିଲେ, ମିଳିଲା ଝୁଲନ୍ତା ମୃତଦେହ

ଭଣ୍ଡାରିପୋଖରୀ, ୨୬ା୧୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଷୋଳମପୁର ପଞ୍ଚାୟତ ବିରୋଳି ଗ୍ରାମର ଶ୍ୱଶୁର ଘରକୁ ଆସିଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଯାଜପୁର ଥାନା ଅଧୀନ ଟିପର ଗ୍ରାମର ରଞ୍ଜନ ଷଡ଼ଙ୍ଗୀ। ଏନେଇ ତାଙ୍କ ପରିବାର ଲୋକେ ରବିବାର ଭଣ୍ଡାରିପୋଖରୀ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ତିକ୍ତତା ହେବାରୁ ରଞ୍ଜନଙ୍କ ସ୍ତ୍ରୀ ବାପଘରକୁ ପଳାଇ ଆସିଥିଲେ। ରଞ୍ଜନ ମଧ୍ୟ ଶ୍ୱଶୁରଘରକୁ ଆସିଥିବା ବେଳେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଗେଙ୍ଗୁଟି ନଦୀ ପୋଲ ତଳୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଶ୍ୱଶୁରଘର ଲୋକେ ରଞ୍ଜନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ମାମଲା (ନଂ.୪୨୫/୨୩) ରୁଜୁ ହୋଇଛି।




# ଜିଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ

**କେନ୍ଦୁଝର,୨୬ା୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ):** ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡ଼କରଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ସଭାପତିତ୍ୱରେ କଂଗ୍ରେସ ନେତୃବୃନ୍ଦ ଡ. ବିଆର ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ସମ୍ପ୍ରତି ଆମ ସମ୍ବିଧାନ ସୁରକ୍ଷିତ କି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପିସିସି ସମ୍ପାଦକ ସଂଗ୍ରାମ ଦାସ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସଙ୍ଗୀତା ସିଂହ ଭାରତୀୟ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଉପସଭାପତି ବସନ୍ତ ଦାସ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରବୀଣା ଦଣ୍ଡପାଟ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ପିସିସି ସଦସ୍ୟ ଲଳିତ ମୋହନ ନାୟକ, ନାବାର୍ଡର ପୂର୍ବତନ ସିଜିଏମ ବିଭୀଷଣ ନାୟକ, ଘଟଗାଁ ବ୍ଲକ୍ ସଭାପତି ପ୍ରଭାକର ନାୟକ, ପାଟଣା ବ୍ଲକ୍ ସଭାପତି ଶତ୍ରୁଘନ ସିଂହ, ସଦର ବ୍ଲକ୍ କଂଗ୍ରେସ ସଭାପତି ଉତ୍ତମ ସାହୁ, ସାହାରପଡ଼ା ବ୍ଲକ୍ ସଭାପତି ମୁକୁନ୍ଦ ଚରଣ ମହାନ୍ତ, ବାଂଶପାଳ ବ୍ଲକ୍ ସଭାପତି ପ୍ରଦୀପ ପ୍ରଧାନ, ଦେବେନ୍ଦ୍ର ନାୟକ, ରତ୍ନାକର ଜେନା, ମହୁର ମହାନ୍ତ, ବିଜୟ ରଣା, ଗୌରହରୀ ନାୟକ, ବିଚିତ୍ର ନାଏକ, ଉତ୍ତମ ପଲେଇ, ପ୍ରଦୀପ ବାରିକ, ଆଶିଷ ପାତ୍ର, ସୌମ୍ୟରଞ୍ଜନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ତୁଳସୀ ଯାତ୍ରା ପ୍ରସ୍ତୁତି

କେନ୍ଦୁଝର,୨୬ା୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ସ୍ଥାନୀୟ କଂଗ୍ରେସ ଭବନଠାରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ାଙ୍କ ସଭାପତିତ୍ୱରେ ତୁଳସୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଟି କୋଟି ଓଡ଼ିଆଙ୍କ ମଉଡମଣୀ ତଥା ବିଶ୍ୱ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା, ଭକ୍ତଙ୍କ ସୁଗମ ଦର୍ଶନ ପାଇଁ ଚାରି ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଘରେ ଥିବା ସମସ୍ତ ସମ୍ପତ୍ତିର ହିସାବ ସହିତ ବେଦାନ୍ତ କମ୍ପାନୀକୁ ଦେଇଥିବା ମୂଲ୍ୟବାନ ଜମିକୁ ଫେରସ୍ତ ଦାବି କରାଯାଇଛି। ଏନେଇ ରାଜ୍ୟ କଂଗ୍ରେସ ଭବନରୁ ପୁରୀ ଶ୍ରୀକ୍ଷେତ୍ରକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଇଁ ସାରା ରାଜ୍ୟର ପ୍ରତି ଗ୍ରାମରୁ ତୁଳସୀ ସଂଗ୍ରହ କରାଯିବ। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସଂଗୀତା ସିଂହ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରବୀଣା ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।



## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ): ଟାଉନ ଥାନା ଅଧୀନ ୪୯ ନମ୍ବର ଜାତୀୟ ରାଜପଥ ଧରଣୀଧର ମେଡିକାଲ କଲେଜ ନିକଟରେ ଜଣେ ଯୁବକଙ୍କୁ ଅଜଣାଗାଡି ଦଳିଦେଇଛି। ମୃତକ ଧୂପଦା ଗ୍ରାମର ଗୁରୁଚରଣ ସେଠୀ(୪୩)। ସେ ଚଲାପଥରେ ଯାଉଥିବାବେଳେ ଗାଡ଼ି ତାଙ୍କ ଉପରେ ଚାଲିଯାଇଥିଲା। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଟାଉନ ଥାନାରେ ଏକ ମାମଲା(ନଂ.୪୧୧/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ସୁନିଲ କର କହିଛନ୍ତି।

## ସଂକ୍ଷେପରେ

### ଆକ୍ରମଣ କରି ଟାଟା ପାୱାର କର୍ମଚାରୀଙ୍କଠାରୁ ଲୁଟ୍

ବୈଶିଙ୍ଗା,୨୬।୧୧(ରତନ ଦାଶ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗପୁରା ରେଳ ଷ୍ଟେଶନ ନିକଟରୁ ଦୁର୍ବୃତ୍ତ ଜଣେ ଟାଟା ପାୱାର କର୍ମଚାରୀଙ୍କଠାରୁ ଲୁଟ୍ କରିଛନ୍ତି। ଏନେଇ ଜାନକୀଦେଇପୁର ଗ୍ରାମର ଟାଟା କର୍ମଚାରୀ ଶୁଭମ ସେନାପତି ଥାନାରେ ଅଭିଯୋଗ କରିଛନ୍ତି। ଶୁଭମ ପ୍ରତି ଶନିବାର ବାଲେଶ୍ୱରଠାରେ କାମ ସାରି ରାତିରେ ଘରକୁ ଫେରନ୍ତି। ଶନିବାର ରାତିରେ ଫେରିବା ସମୟରେ ଯୁଗପୁରା ରେଳ ଷ୍ଟେଶନ ନିକଟରେ ପୂର୍ବରୁ ଜଗି ରହିଥିବା ୩ ଯୁବକ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ମୋବାଇଲ, ମନିପର୍ସ ଓ ରାସନ ସାମଗ୍ରୀ ନେଇଯାଇଥିଲେ। ସୂଚନାଯୋଗ୍ୟ, ଶୁଭମଙ୍କଠାରୁ ଗତବର୍ଷ ମଧ୍ୟ ସମାନ ଢଙ୍ଗରେ ସମାନ ସ୍ଥାନରେ ଲୁଟ୍ ହୋଇଥିଲା। କିଛି ସ୍ଥାନୀୟ ଅପରାଧୀ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ମହୁମାଛି ଆକ୍ରମଣରେ ୨ ଆହତ

ପାଟଣା,୨୬।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗୁଲୁଦିପଶି ସୋରାସକୋଲା ରାସ୍ତାରେ ରବିବାର ମହୁମାଛି ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମର କୁନି ଦେହୁରୀ ଏବଂ ଗୁଲୁଦିପଶିର ବୈଶାଖୁ ପଇଦା। ସୂଚନା ଅନୁଯାୟୀ, ଗୁଲୁଦିପଶି ରାସ୍ତା କଡ଼ ଏକ ବର ଗଛରେ ମହୁଫେଣା ରହିଥିଲା। ରବିବାର ସକାଳେ ବାଜ ପକ୍ଷୀ ଫେଣାକୁ ଖୁମ୍ପି ଦେବାରୁ ମହୁମାଛି ଇତସ୍ତତଃ ହୋଇ ରାସ୍ତାରେ ଯାଉଥିବା ଲୋକଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। କୁନି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ବୈଶାଖୁ ଚିକିତ୍ସାଧୀନ ଅଛନ୍ତି।

### ବାଲିଆପାଳରେ କୃଷକ ସମାବେଶ

ବାଲିଆପାଳ,୨୬।୧୧(ଅମୂଲ୍ୟ କୁମାର ଦାସ/ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସୁବର୍ଣ୍ଣରେଖା ଖେଳ ପଡ଼ିଆରେ ରବିବାର କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କୃଷି ସମ୍ପର୍କିତ ୩୮ଟି ଅଭିଯୋଗ ଶୁଣିବା ସହିତ ସରକାରୀ ସ୍ତରରେ ସମାଧାନ କରାଯିବ ବୋଲି କହିଥିଲେ। ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରାସାଦ ଦାସଙ୍କ ଅଧ୍ୟକ୍ଷତାରେ ଅବକାରୀ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ସୁବାସିନୀ ଜେନା, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ଜିଲା ପରିଷଦ ସଦସ୍ୟ ନିଶାକର ସେଠି, ବିଜେଡି ବସ୍ତା ବ୍ଲକ ସଭାପତି ଅନିଲ ମହାନ୍ତି, କୃଷକ ନେତା ଶରତ ପ୍ରଧାନଙ୍କ ସହିତ ବହୁ ନେତୃମଣ୍ଡଳୀ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୁ କୃଷକ ଜନତା ଦଳ ଜିଲା ସଭାପତି ଅଜୟ ସାମଲ ସ୍ୱାଗତ ଭାଷଣ ଦେଇଥିଲେ।

# ଯୋଡ଼ା ରନ୍-ଏ-ଥନ୍‌ରେ ଦୌଡ଼ିଲେ ୫ ହଜାର

ଯୋଡ଼ା,୨୬।୧୧(ମାନସ ମହାନ୍ତି)

- ବିଜେତାଙ୍କୁ ୫.୬୭ ଲକ୍ଷ ପୁରସ୍କାର
- ୧୦ କି.ମି ବର୍ଗରେ ମୋହନ, ତାନ୍ବି ବିଜୟୀ



ଅତିଥିମାନେ ପତାକା ଦେଖାଇ ମାର୍‌ଥାନର ଶୁଭାରମ୍ଭ କରୁଛନ୍ତି।

ଟାଟା ଷ୍ଟିଲ୍ ପକ୍ଷରୁ ଓ ଦୌଡ଼ (ଆଥ୍‌ଲେଟିକ) ସଂଘ ସହଯୋଗରେ ରବିବାର ଯୋଡ଼ା ରନ୍-ଏ-ଥନ୍‌ର ପ୍ରଥମ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏକ ସବୁଜ ଭବିଷ୍ୟତ ପାଇଁ ଦୌଡ଼ ବିଷୟବସ୍ତୁ ଉପରେ ଆଧାରିତ ଏହି ଦୌଡ଼ ଯୋଡ଼ା ସେଣ୍ଟ୍ରାଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ଓ ବିଭିନ୍ନ ରାଜ୍ୟର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଧାବିକାଧାବକ ମାରାଥନରେ ଅଂଶଗ୍ରହଣ କରିଥିଲେ। ପୁରୁଷ ୧୦ କିଲୋମିଟର ବର୍ଗରେ ଉତ୍ତରାଖଣ୍ଡର ମୋହନ ସାଇନି ବିଜୟୀ ହୋଇଥିବା ବେଳେ ମହିଳା ବର୍ଗରେ ଉତ୍ତରପ୍ରଦେଶରୁ ତାନ୍ବି ସିଂହ ବିଜୟିନୀ ହୋଇଛନ୍ତି। ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଟାଟା ଷ୍ଟିଲ୍ ଉପସଭାପତି ଡିବି ସୁନ୍ଦରରମଣ, ଟାଟା ଷ୍ଟିଲ୍ ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଓ ସୁର୍ଭି ଭଟ୍ଟନାଗର, ଯୋଡ଼ା ଟାଟା ମୁଖ୍ୟ ରାଜେଶ କୁମାର ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଦୌଡ଼କୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କ ବ୍ୟତୀତ ଦିବ୍ୟାଙ୍ଗମାନେ ମଧ୍ୟ ଦୌଡ଼ରେ ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ କେନ୍ଦ୍ରୀୟ ଖେଳପଡ଼ିଆରେ ସଙ୍ଗୀତ କାର୍ଯ୍ୟକ୍ରମ, ରନ୍-ଏ-ଥନ୍ ବିଷୟବସ୍ତୁ ଉପରେ ଆଧାରିତ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ସ୍ଥାୟୀ ଓ ସବୁଜ ଭବିଷ୍ୟତ ପ୍ରତି ରହିଥିବା ପ୍ରତିବଦ୍ଧତା ପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଚାରାରୋପଣ ପାଇଁ କମ୍ପାନୀ ପକ୍ଷରୁ ଚାରା ବଣ୍ଟନ କରାଯାଇଥିଲା। ମାରାଥନ୍‌ରେ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ମୋଟ ୫ ଲକ୍ଷ ୬୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜ ପରିବେଶରେ ସୁଧାର ଆଣିବା ଓ ବୃକ୍ଷ ରୋପଣ ଉପରେ ଉପସ୍ଥିତ କ୍ରୀଡ଼ାପ୍ରେମୀଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଯୋଡ଼ା ଉପନଗରପାଳ ସନ୍ଧ୍ୟା ପାତ୍ର ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ମହିଳା ସଶକ୍ତୀକରଣ ଦିଗରେ ସଚେତନ କରାଇଥିଲେ। ଦୌଡ଼ ପ୍ରତିଯୋଗିତା ବେଳେ ବହୁ ଧାବିକାଧାବକଙ୍କ ମାଂସପେଶୀ ବେଦନାର ଉପଶମ ପାଇଁ ଯୋଡ଼ାର ମର୍ନିଂ ଫିଟ୍‌ନେସ ଟିମ୍ ପକ୍ଷରୁ ଧାବକ ଦେବରାଜ ସାମନ୍ତ, ଶିବାଜୀ ସାହୁ, ନବୀନ ପାତ୍ର, ସୁନିଲ ଦାସ ପ୍ରମୁଖ ସେବା ଯୋଗାଇଥିଲେ। ଫିଟ୍ ରହିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଲାଗି ଟାଟା ଷ୍ଟିଲ୍ ପକ୍ଷରୁ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା, କାର୍ଯ୍ୟକ୍ରମ କରାଯାଉଛି।

# ହାତୀପଲଙ୍କ ଜଳକ୍ରୀଡ଼ା

## ଦେଖିବାକୁ ଲୋକଙ୍କ ଭିଡ଼

କେନ୍ଦୁଝର,୨୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ କଣ୍ଡରାପଶି ପଞ୍ଚାୟତ ତୁଳସୀପୁର ଗ୍ରାମ ବନ୍ଧରେ ଦିନ ଦ୍ୱିପ୍ରହରରେ ୧୧ ଟିକିଆ ହାତୀପଲ ଜଳକ୍ରୀଡ଼ା କରିଛନ୍ତି। ହାତୀପଲ ଦିନ ତମାମ ବନ୍ଧରେ ଗାଧୋଇଥିଲେ। ଆଖପାଖର ଶତାଧିକ ଲୋକ ଭିଡ ଜମାଇ ଅତି ନିକଟରୁ ହାତୀପଲଙ୍କ ଜଳକ୍ରୀଡ଼ା ଦେଖିଥିଲେ। ନିକଟରେ ଆହତ ହୋଇ ନନ୍ଦନକାନନକୁ ଚିକିତ୍ସିତ ହେବାକୁ ଯାଇଥିବା ଛୁଆହାତୀ ଏହି ଦଳର ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ଶନିବାର ହାତୀପଲ ବେଲଦା ଜଙ୍ଗଲରୁ ପଳାଶପଙ୍ଗା ଦେଇ ତୁଳସୀପୁର ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଥିବା ବନ୍ଧରେ ହାତୀପଲ ପଶି ରହିଥିଲେ। ଲୋକଙ୍କ ଭିଡ଼ ଦେଖି ବନ ବିଭାଗ ଓ ପୋଲିସ ପ୍ରଶାସନ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା। ହାତୀପଲ ଉକ୍ତ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଥିବାରୁ ସ୍ଥାନୀୟ ଲୋକେ ଭୟ ଓ ଆଶଙ୍କା ମଧ୍ୟରେ ରହିଛନ୍ତି। କୌଣସି ଅଘଟଣ ଘଟିବା ପୂର୍ବରୁ ହାତୀପଲକୁ ଜଙ୍ଗଲ କିମ୍ବା ଅନ୍ୟ ଅଞ୍ଚଳକୁ ଘଉଡ଼ାଇବାକୁ ବିଦ୍ୟାଧର ମହାନ୍ତ, ଦେବାନନ୍ଦ ମହାନ୍ତଙ୍କ ସମେତ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ହାତୀପଲ ବାଲିବନ୍ଧ ଆଡ଼କୁ ମୁହାଁଉଛନ୍ତି। ପାଖରେ ଗାଁ ଥିବାରୁ ଜନ ସମାଗମ ଅଧିକ ରହିଛି। ବନ କର୍ମଚାରୀମାନେ ସତର୍କ ଅଛନ୍ତି ବୋଲି ସଦର ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ପ୍ରଭାତ କୁଅଁର କହିଛନ୍ତି।


ହାତୀପଲ ଗ୍ରାମ ନିକଟ ଜଳାଶୟରେ ଗାଧୋଉଛନ୍ତି।

# ୭୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଖଇରା,୨୬।୧୧(ଉତ୍କଳବନ୍ଧୁ ପଣ୍ଡା)



ଅତିଥିମାନେ ଶିବିର ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଜିଲାର ଖଇରା ଓ ଔପଦା ସୀମାନ୍ତବର୍ତ୍ତୀ ଗୋବିନ୍ଦପୁର ପଞ୍ଚାୟତର ବୁଢ଼ାଗଡ଼ିଆ ଛକରେ ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି ଓ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ରବିବାର ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଭଳି ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଇଲାକାରେ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରର ସଂଯୋଜକ ଉପେନ୍ଦ୍ର କୁମାର ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମନ୍ତ୍ରୀ ଟୁଡୁଙ୍କ ସମେତ ନିଳଗିରି ବିଧାୟକ ସୁକାନ୍ତ ନାୟକ,ଏସ୍‌ସିବି ମେଡିକାଲର ଅବସରପ୍ରାପ୍ତ ପ୍ରଫେସର ଡା.ଶଶିଭୂଷଣ ବେହେରା, ପ୍ରଥମ ବାଚସ୍ପତି ମୁକୁନ୍ଦ ଦାସଙ୍କ ଅଣନାତି ତଥା ସ୍ମୃତି କମିଟିର ସମ୍ପାଦକ ଏବଂ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, ସନସାଇନ ହସ୍ପିଟାଲର ଡାକ୍ତର ଶ୍ୱେତାଙ୍କ ଦାସ, ପୂଜ୍ୟପୂଜା ସଂସଦର ସଭାପତି ସୁଦାମ ଚରଣ ରାଉତ, ସ୍ମୃତି କମିଟିର ସଭାପତି ଉମେଶ ଚନ୍ଦ୍ର ନାୟକ, ଯୁବ ନେତା ଅନନ୍ତ କୁମାର ବାରିକ, ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ କୋଷାଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ, ଡା ପ୍ରଦୀପ ନାୟକ ପ୍ରମୁଖ ଅତଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ସନସାଇନ ହସ୍ପିଟାଲରୁ ଆସିଥିବା ଡା. ସଦାନନ୍ଦ ମେହେର, ଡା. ସୋନୁଜିତ ମନ୍ତ୍ରୀ, ଡା. ଆଭାସ ଦାସ ପଟ୍ଟନାୟକ, ଡା. ସୀତାଂଶୁ ମିଶ୍ର, ଡା. ପ୍ରଦୀପ ନାୟକ, ଡା. ମୋନିକା ମହାନ୍ତ ପ୍ରମୁଖ ୭୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକତା ଥିବା ରୋଗୀଙ୍କର ମାଗଣାରେ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ ।

## ଚର୍ଚ୍ଚାରେ ଭାଜପା ମୁଖପାତ୍ର

ଶନିବାର ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ଉଦ୍ୟମରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବିଭାଗୀୟ ଯନ୍ତ୍ରୀଙ୍କର ଏକ ଟିମ୍ ସହ ଖଇରା ଆସି ଆମ୍ବହତା କେନାଲ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅନ୍ୟ ଭାଜପା ନେତାଙ୍କୁ ଉପେକ୍ଷା କରି ଠାକୁର ଦାସଙ୍କୁ ମନ୍ତ୍ରୀ ଗୁରୁତ୍ୱ ଦେବା ଏବଂ ପୁନର୍ବାର ରବିବାର ମନ୍ତ୍ରୀ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେବା ନେଇ ଖଇରା ଓ ସିମୁଳିଆରେ ଭିନ୍ନ ଚର୍ଚ୍ଚା ଚାଲିଛି। ଟିକେଟ ଦୌଡ଼ରେ ସେ ଅନ୍ୟ ଆଶାୟୀଙ୍କୁ ପଛରେ ପକାଇବା ନିଶ୍ଚିତ ବୋଲି ଦାସଙ୍କ ସମର୍ଥକମାନେ କହିଛନ୍ତି ।

# ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ବନ୍ତ,୨୬।୧୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ନିଲୋକ-ଛଟାବର ରାସ୍ତାର ଭଣ୍ଡାରଗଡିଆ ଛକଠାରେ ଥିବା ୨ ବଖରା ବିଶିଷ୍ଟ ଏକ ଦୋକାନକୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ଦୋକାନଟି ଭଣ୍ଡାରଗଡିଆ ଗ୍ରାମର ଅଭିମନ୍ୟୁ ରାଉତଙ୍କର। ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସବୁଦିନ ପରି ଅଭିମନ୍ୟୁ ଶନିବାର ରାତି ୯ଟା ବେଳେ ନିଜର ଭେରାଇଟି ଷ୍ଟୋରକୁ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ଭୋର ୪ଟା ବେଳେ ସେ ଖୋଲିବାକୁ ଆସି ଦୋକାନ ଜଳୁଥିବାର ଦେଖିବାକୁ ପାଇଥିଲେ। ଖବରପାଇ ବନ୍ତ ଥାନା ପୋଲିସ ପହଞ୍ଚିବା ବେଳକୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୋକାନ ଭିତରେ ଥିବା ଗୋଟିଏ କମ୍ପ୍ୟୁଟର, ଗୋଟିଏ ଗ୍ୟାସ୍, ୩ ଫ୍ୟାନ୍ ସମେତ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପୋଡ଼ି ଯାଇଥିବା ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଭଣ୍ଡାରିପୋଖରୀ, ୨୬।୧୧ (ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ ସୁରୁଣ (ସୈସଲାପୁର) ଗ୍ରାମର ଜଣେ ବୃଦ୍ଧଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ମଧୁସୁଦନ ସ୍ୱାଇଁ (୮୦)। ସେ ରବିବାର ଭୋର ସମୟରେ ସ୍ଥାନୀୟ ସ୍କୁଲ ପାଖ ବାଡ଼ିକୁ ଫୁଲ ତୋଳିବା ପାଇଁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ସ୍କୁଲ ପାଖ ପୋଖରୀରେ ସେ ବୁଡ଼ି ଯାଇଥିବା ଜଣାପଡ଼ିବା ପରେ ସେଠାରୁ ମୃତଦେହ ମିଳିଛି। ଫୁଲ ତୋଳିବା ପାଇଁ ଯାଇ ଅସାବଧାନତା ଯୋଗୁ ପୋଖରୀରେ ପଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଭିଯୋଗ ପରେ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସଦଗୋପ ସମାଜ ପକ୍ଷରୁ ନାମ ସଙ୍କୀର୍ତ୍ତନ


ନାମ ସଙ୍କୀର୍ତ୍ତନ ଗାନ କରାଯାଉଛି।

ବାରିପଦା,୨୬।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ସଦଗୋପ ସମାଜ ଆନୁକୂଲ୍ୟରେ ଶ୍ରୀଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ ରବିବାର ଆରମ୍ଭ ହୋଇଛି। ଜୁବୁଲୀ ଲାଇବ୍ରେରୀ(ଶ୍ରୀରାମଚନ୍ଦ୍ର ପାଠଗାର) ପରିସରରେ ଅନୁଷ୍ଠିତ ଷୋହଳ ପ୍ରହର ବ୍ୟାପୀ ଅଖଣ୍ଡ ନାମାଯଜ୍ଞରେ ଅନେକ ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଦେବ ଦର୍ଶନ କରିଛନ୍ତି। ଆଧାତ୍ମିକ ପରିବେଶରେ ଶ୍ରଦ୍ଧାଳୁମାନେ ନାମ ସଙ୍କୀର୍ତ୍ତନ ଶ୍ରବଣ କରିବା ସହ ପ୍ରସାଦ ସେବନ କରିଛନ୍ତି। କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସହରର ଆବାଳ ବୃଦ୍ଧବନିତା ଯୋଗଦେଇ କରୁଣା ଲାଭ କରିଛନ୍ତି। ସହରର ବରିଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି। ଶନିବାର ଅଧିବାସ ହେବା ପରେ ରବିବାର ବ୍ରହ୍ମମୁହୂର୍ତ୍ତରୁ ନାମ ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ପ୍ରସାଦ ସେବନ ଓ ମଙ୍ଗଳବାର ଦଧିଭଞ୍ଜନ ଓ ନାମ ସମାପନ ହୋଇ ପ୍ରସାଦ ସେବନ କରିବାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରୁଛନ୍ତି।

# ଅଭିଯୁକ୍ତ ବାପ, ପୁଅ ସମେତ ୪ ଗିରଫ

## ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ମିଳିବା ଘଟଣା

ରାଇରଙ୍ଗପୁର, ୨୬।୧୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ରମା ପାହାଡି ଗ୍ରାମର ତଅପୋଇ ନାମ୍ନୀ ମହିଳାଙ୍କୁ ହତ୍ୟା ଘଟଣାର ତଦନ୍ତ କରି ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାମଦା ଥାନା ଅନ୍ତର୍ଗତ କୁଦାହଂସା ଗ୍ରାମର ବିଶେଶ୍ୱର ବେହେରା(୫୨), ତାଙ୍କ ପୁଅ ରାକେଶ ବେହେରା (୨୩ ) ଓ ୨ ସହଯୋଗୀ ତିରିଙ୍ଗ ଥାନା ଅନ୍ତର୍ଗତ କୋଣ ଗ୍ରାମର ଲାଲଟୁ ଦାସ ଏବଂ ରାଜେଶ ଦାସ। ତଦନ୍ତ ବେଳେ ମୁଖ୍ୟ ଅଭିଯୁକ୍ତ ବିଶେଶ୍ୱର ପୋଲିସ ଆଗରେ ସ୍ୱୀକାର କରିଛନ୍ତି ଯେ, ତଅପୋଇଙ୍କ ସହ ଦୀର୍ଘ ୧୫ ବର୍ଷ ହେବ ତାଙ୍କ ଘରକୁ ଯାତାୟାତ ସମ୍ପର୍କ ଥିଲା। ଟଙ୍କା ନେଣଦେଣକୁ ନେଇ ତଅପୋଇଙ୍କୁ ହତ୍ୟା କରିଥିବା ବେଳେ ଏଥିରେ ପୁଅ ରାକେଶ ଓ ତାଙ୍କର ୨ ସାଙ୍ଗ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ଗୁରୁବାର ଯାମଦା ଥାନା ଅଧୀନ ଜଟାପାଣି ଗ୍ରାମାଞ୍ଚଳ ନିକଟସ୍ଥ ଘଞ୍ଚ ଜଙ୍ଗଲରୁ ନିଖୋଜ ତଅପୋଇଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଏନେଇ ଥାନାରେ ମାମଲା (ନଂ.୯୪/୨୩ ) ରୁଜୁ କରାଯାଇଛି।

# 'ମତ୍ସ୍ୟଚାଷ, ପ୍ରାଣୀପାଳନ କୃଷକଙ୍କ ଆୟ ବୃଦ୍ଧିର ମାଧ୍ୟମ'

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଭଦ୍ରକ,୨୬।୧୧(ସନାତନ ରାଉତ)



ଭଣ୍ଡାରିପୋଖରୀର ମତ୍ସ୍ୟ ଚାଷୀ ଟି. ଏସ୍. ମାହେଶ୍ୱରୀଙ୍କୁ ପୁରସ୍କୃତ କରାଯାଉଛି।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ଭଦ୍ରକ କଲେଜ ଖେଳପଡ଼ିଆରେ ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗ ଦେଇଥିଲେ। କୃଷକଙ୍କ ଆୟ ବୃଦ୍ଧି ପାଇଁ ମତ୍ସ୍ୟ ଓ ପ୍ରାଣୀ ପାଳନ ଏକ ଉତ୍କୃଷ୍ଟ ମାଧ୍ୟମ। ଚାକିରି ପଛରେ ନ ଗୋଡ଼ାଇ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜେ ଉଦ୍ୟୋଗପତି ହୋଇ ଅନ୍ୟକୁ ଚାକିରି ଦେବା ପାଇଁ ପ୍ରୟାସ କରିବାକୁ ଜିଲାପାଳ କହିଥିଲେ। ସବ୍‌ସିଡ୍ ରିଲିଜ୍ କରିବାରେ ଭଦ୍ରକ ଜିଲା ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ଭଦ୍ରକରୁ ଚିଙ୍ଗୁଡ଼ି ବିଦେଶକୁ ରପ୍ତାନୀ ହେଉଛି। ସରକାରଙ୍କ ଯୋଜନାର ସୁଯୋଗ ନେବା ପାଇଁ ଚାଷୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷିକେଶ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ନାୟକ ଉପସ୍ଥିତ ଥିଲେ। ବିଭାଗ ପକ୍ଷରୁ ୪୬ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା ଓ ମାନସୀ ମିଶ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମତ୍ସ୍ୟ ଚାଷୀ ଭଣ୍ଡାରିପୋଖରୀର ଟି. ଏସ୍. ମାହେଶ୍ୱରୀ, ଭଦ୍ରକ ବ୍ଲକର ବିଜୟାନନ୍ଦ ପଣ୍ଡା ଏବଂ ପ୍ରାଣୀପାଳକ କୋଠାରର ପଙ୍କଜ କୁମାର ଦାସ, ତିହିଡ଼ି ବ୍ଲକ ମୂଷାଙ୍ଗର ସତ୍ୟଜିତ୍ ବଳଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଷ୍ଟାର ସିଙ୍ଗର ସତ୍ୟଜିତ୍ ପ୍ରଧାନ ଓ ଅମ୍ରିତା ନାୟକଙ୍କ ଟିମ୍ ଦ୍ୱାରା ମେଲୋଡ଼ି ପରିବେଷଣ କରାଯାଇଥିଲା। ଉପଜିଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସହ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଆମ୍ବେଡକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଲେଶ୍ୱର,୨୬।୧୧(ମାନସ ବିଶ୍ୱାଳ)


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର ସହରର ପ୍ରବେଶପଥ ପୋଲିସ୍ ଲାଇନ୍ ଛକ ନିକଟରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି। ପୂର୍ବାହ୍ନରେ ଆମ୍ବେଦକର ବିକାଶ ପରିଷଦର ପ୍ରତିଷ୍ଠାତା ସଦସ୍ୟ ୯୧ବର୍ଷୀୟ ଅନନ୍ତ କୁମାର ମାଝୀ ଏହାକୁ ଉନ୍ମୋଚନ କରିଥିଲେ। ଏହିପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ରାଜ୍ୟ ଓ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ପରିଷଦର ସଭାପତି ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଯୋଗଦେଇ ଭାରତବର୍ଷ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ବରେଣ୍ୟ ଅତିଥିଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବେନ୍ଦ୍ର ଯାଦବ, ପଶ୍ଚିମବଙ୍ଗର ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀକାନ୍ତ ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ସଦର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ପ୍ରଫେସର ଡ. ଅଞ୍ଜନା ମହାନ୍ତ, ଡ. ହମିଦ୍ ହୁସେନ୍, ଗୋପବନ୍ଧୁ ମହାନ୍ତ, ସାମାଜିକ ନ୍ୟାୟ ଅଭିଯାନ ସଭାପତି ଅକ୍ଷୟ ମଲ୍ଲିକ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଗୋବିନ୍ଦ ଚନ୍ଦ୍ର ଦାସ, ସ୍ତମ୍ଭକାର ଓ ସାମାଜିକ କର୍ମୀ ସୁଦର୍ଶନ ଦାସ, ଯୁବନେତା ବିକ୍ରମ ପଣ୍ଡା, ସମାଜସେବୀ ଅରୁଣ ଜେନା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଦୀପକ ମଲ୍ଲିକ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନାଦର୍ଶ ଓ ଭାରତୀୟ ସମ୍ବିଧାନ ପ୍ରଦତ୍ତ ନାଗରିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ପାରମ୍ପରିକ ନୃତ୍ୟ ଓ ବାଦ୍ୟ ସହ ସଭାସ୍ଥଳୀରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଇନ୍‌ଜୀବୀ ଉର୍ମିଳା ମାଝୀ, ତୁଷାର ମହାପାତ୍ର, ସରୋଜ ବେହେରା, ଦୀପକ ଦାସ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ରଘୁନାଥ ମହାଲିକ, ତପନ ସିଟ୍, ବିଧାନ ଚନ୍ଦ୍ର ରାୟ, ରାଜେଶ ଗିରି, ଗଗନ ପାତ୍ର, ରମେଶ ଜେନା, ବସନ୍ତ ବେହେରା, ପ୍ରଭାସ୍କର ମହାପାତ୍ର, ସୁଧାକର ସେଠୀ, ଦିବ୍ୟେନ୍ଦୁ ପାଣିଗ୍ରାହୀ, ଜ୍ଞାନ ଦାସ, ସୀତାରାମ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ରାୟ, ନିରଞ୍ଜନ ପରିଡ଼ା, ରାମନାରାୟଣ ଶତପଥୀ ଓ ସଂଗ୍ରାମ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ସ୍ନେହଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଛାତ୍ରୀ ମୃତ

କୁଳିଅଣା,୨୬।୧୧(ଆଦିକନ୍ଦ ସାହୁ): ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଦୋରଖଳିଠାରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ କୁଳିଅଣା ଥାନା ଦାରୁଣିଆ ଗ୍ରାମର ଲକ୍ଷ୍ମୀ ଗୁଡୁ(୨୫)। ଦୁର୍ଘଟଣାରେ ଲକ୍ଷ୍ମୀଙ୍କ ସାଙ୍ଗ ମାଇନ ମୁର୍ମୁ ଗୁରୁତର ହୋଇଛନ୍ତି। ଲକ୍ଷ୍ମୀ ଓ ମାଇନ ବାରିପଦାରୁ କମ୍ପ୍ୟୁଟର କୋଚିଂ କ୍ଲାସ ସାରି ସନ୍ଧ୍ୟାରେ ସାଇକେଲ ଯୋଗେ ଗ୍ରାମକୁ ଫେରୁଥିଲେ। ଦୋରଖଳି ନିକଟରେ ପଛ ପଟୁ ବାଇକ ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଦୁଇ ସାଙ୍ଗ ସାଇକେଲରୁ ଛିଟିକି ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲେ। ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥଲେ। ପୋଲିସ ମାମଲା (ନଂ.୧୬୧/୨୩)ରୁଜୁ କରି ବାଇକ୍ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି।

### ଆର୍‌ଡି ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

ରେମୁଣା,୨୬।୧୧(ରବୀନ୍ଦ୍ର ମହାକୁଡ଼)– ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସେରଗଡ଼ ପଞ୍ଚାୟତର ବରପଦା ଗାଁରେ ରବିବାର ଅପରାହ୍ନରେ ଏକ ନୂତନ ଆର୍‌ଡି ରାସ୍ତାର ଶିଳାନ୍ୟାସ କରିଛନ୍ତି। ୬ କିଲୋମିଟର ଦୈର୍ଘ୍ୟ ଏହି ରାସ୍ତା ପାଇଁ ମୋଟ୍ ୭କୋଟି ୬୬ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ରାସ୍ତା ଜାତୀୟ ରାଜପଥର ଗୌଡ଼ନି ପୋଖରୀଠାରୁ ଟିଣା ମଣ୍ଡଗାଁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ପ୍ରଶସ୍ତ କରାଯିବ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବରିଷ୍ଠ ବିଜେଡି ନେତା ପ୍ରଭାତ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ସୁମତି ବେହେରା, ଜିଲା ପରିଷଦ ସଦସ୍ୟା କଲ୍ୟାଣୀ ବାରିକ, ସରପଞ୍ଚ ଦୟାନିଧି ମହାପାତ୍ର, ସମିତିସଭ୍ୟା ରଞ୍ଜିତା ନାୟକ, ରବିନ୍ଦ୍ର ମହକୁଡ଼, ପୂର୍ବତନ ସରପଞ୍ଚ ରବି ରାଉତ, ଭାସ୍କର ପାଣିଗ୍ରାହୀ, ମହେଶ୍ୱର ପଣ୍ଡା, ଉର୍ମିଳା ବେହେରା, ଶଶିକାନ୍ତ ବାରିକ, ମନୋଜ ମହାନ୍ତି, ରଞ୍ଜିତା ସାସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ୭୫ ତମ ଏନ୍‌ସିସି ଦିବସ

ମୋରଡ଼ା,୨୬।୧୧(ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ର ଚିତ୍ରଡ଼ାସ୍ଥିତ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୭୫ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଏନସିସି ଶିକ୍ଷକ ଅରୁଣ ବେହେରାଙ୍କ ପୌରୋହିତ୍ୟରେ ପରିଚାଳନା କମିଟି ସଭାପତି ଅଶେଷ ମହାନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଏନ୍‌ସିସି ଛାତ୍ରୀଛାତ୍ର ଗ୍ରୁପ୍ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଆଲୁମିନି କମିଟି ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଖେଳ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ସଂଗ୍ରାମ ହାଁସଦା, ପ୍ରିୟବ୍ରତ ବେହେରା, ଶିକ୍ଷୟିତ୍ରୀ ସରୋଜିନୀ ବେହେରା, ଖବରଦାତା ବିଶ୍ୱବନ୍ଦନ ବେହେରା, ରଜତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଶୌଚାଳୟ କାର୍ଯ୍ୟ ନିମ୍ନମାନର

## ସରକାରୀ ଅର୍ଥକୁ ଚଳୁ କରୁଛନ୍ତି ଠିକାଦାର

ବନ୍ତ,୨୬।୧୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶୌଚାଳୟ କାର୍ଯ୍ୟ ଚାଲୁଥିବା ବେଳେ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ହିତାଧିକାରୀମାନେ ପାଇଖାନା ପାଇବା ନେଇ ପଞ୍ଚାୟତରେ ପଞ୍ଜୀକରଣ କରିବା ପରେ ନିଜେ ନିର୍ମାଣ କରି ବିଲ୍ ଅର୍ଥ ପାଉଥିଲେ। ଗତ ୧ବର୍ଷ ହେବ କିଛି ଠିକାଦାରୀ ସଂସ୍ଥା ଏହି ନିର୍ମାଣ ଦାୟିତ୍ୱ ନେଇଛନ୍ତି। ଝାଡ଼ଖଣ୍ଡରୁ ଆସିଥିବା ଠିକାଦାରମାନେ ଏସବୁ ନିର୍ମାଣ କରୁଛନ୍ତି। ଗତ କିଛି ମାସ ପୂର୍ବରୁ ନିର୍ମାଣ କରାଯାଇଥିବା ପାଇଖାନାଗୁଡ଼ିକ ଏବେ ଭୁଶୁଡ଼ି ପଡ଼ିଥିବା ଦେଖାଯାଇଛି। କେନ୍ଦ୍ର ସରକାର ପାଇଖାନା ନିର୍ମାଣ ଲାଗି ୧୨ ହଜାର ଟଙ୍କା ଦେଉଥିବା ବେଳେ ଠିକାଦାରମାନେ ଦେଢ଼ ଶହ ଖଣ୍ଡ ଇଟାରେ କାଦୁଆ ମିଶା ବାଲି ଓ ଅଳ୍ପ ସିମେଣ୍ଟ ଗୋଳାଇ କାର୍ଯ୍ୟ ସାରି ଦେଉଛନ୍ତି। ଗୋଟିଏ ଶୌଚାଳୟ କାର୍ଯ୍ୟରେ ଗୋଟିଏ ବ୍ୟାଗ୍ ସିମେଣ୍ଟ ବ୍ୟବହାର କରାଯାଇ ବର୍‌ପାଲିକୁ ଇଟାରେ ଥୋଇ ଦିଆଯାଉଛି। ଫଳରେ ନିର୍ମାଣ ସରିଥିବା ପାଇଖାନା ବ୍ୟବହାର ହେବା କ୍ଷଣି ଦବିଯାଉଛି। ଶୌଚାଳୟର ସରକାରୀ ରଙ୍ଗ ଗୋଲାପି ଥିଲାବେଳେ ଅତି ନିମ୍ନମାନର ଗେରୁଆ ରଙ୍ଗ ଲଗାଯାଉଛି। ପରିବାରର ସ୍ୱାମୀ ପାଇଖାନା ପାଇଥିବା ବେଳେ ସ୍ତ୍ରୀଙ୍କ ନାମର ବେଆଇନ ଭାବେ ଆଉ ଏକ ପାଇଖାନା ତିଆରି କରାଯାଉଛି। ପ୍ରକୃତ ହିତାଧିକାରୀମାନେ ଶୌଚାଳୟ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପାର ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

# ଏମ୍‌ପିଙ୍କ ଦ୍ୱାରା କଲ୍ୟାଣ ମଣ୍ଡପର ଶିଳାନ୍ୟାସ


ଶିଳାନ୍ୟାସ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

ଧାମନଗର,୨୬।୧୧ (ଦେବେନ୍ଦ୍ର ଆଟ୍ଟିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ମୁସ୍ତାଫାପୁର ପଞ୍ଚାୟତର ଘୋଡ଼ାଗଣ୍ଡ ନାଳଠାରେ ପଞ୍ଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରବିବାର ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ପ୍ରଦୀପ କୁମାର ମଲ୍ଲିକ, ସାମାଜିକ କର୍ମୀ ଡା. ସଞ୍ଜୟ ଦାସ, ପ୍ରତାପ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏମ୍‌ପିଙ୍କ ଦ୍ୱାରା ଦୋବଲ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମମତା ରାଉତଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

# 'ଜୁଆଙ୍ଗ ଜନଜୀବନ ଉଳଗ' ପୁସ୍ତକ ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କେନ୍ଦୁଝର,୨୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଆଦିବାସୀ ସଂସ୍କୃତି ଗବେଷକ ଓ ଲେଖକ ନୀଳାଦ୍ରି ବିହାରୀ ମିଶ୍ରଙ୍କ ଜୁଆଙ୍ଗଙ୍କ ଜୀବନ ଜୀବିକାକୁ ନେଇ ରଚିତ ପୁସ୍ତକ 'ଜୁଆଙ୍ଗ ଜନଜୀବନ ଉଳଗ' ଉନ୍ମୋଚିତ ହୋଇଛି। ଜଗନ୍ନାଥ ସଂସ୍କୃତି ଗବେଷକ ତଥା ସରସ୍ୱତୀ ଶିଶୁ ମନ୍ଦିର କେନ୍ଦୁଝରର ସଭାପତି ଡ. ସୁନିଲ ରଥଙ୍କ ସଭାପତିତ୍ୱରେ ଆଦିବାସୀ ସଂସ୍କୃତି ଗବେଷକ, ଶିକ୍ଷାବିତ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଉନ୍ମୋଚନ ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ କେନ୍ଦୁଝର କ୍ୟାମ୍ପସର ନିର୍ଦ୍ଦେଶକ ବବ୍ରୁବାହନ ମହାପାତ୍ର ପୁସ୍ତକ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ସୁଧାକର ଦାଶ ପୁସ୍ତକ ସମୀକ୍ଷା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ପିନାକୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ହରିଚନ୍ଦନପୁର ବ୍ଲକ୍ ମରାଗୁଡ଼ା ଗ୍ରାମର ଜୁଆଙ୍ଗ କଳାକାର ପ୍ରମୋଦ ଜୁଆଙ୍ଗଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁଆଙ୍ଗ ଜନଜାତିର ଶିଶୁଖେଳ, ବସ୍ତ୍ର ପରିଧାନ, ବାସଗୃହ, ପିଢ଼, ଗ୍ରାମ ମଢ଼ାଙ୍ଗ, ସମ୍ପ୍ରଦାୟର ପ୍ରଶାସନିକ ବ୍ୟବସ୍ଥା, ସଙ୍ଗଠିତ ଚଳଣି ପାଇଁ ନୀତିନିୟମ, କର୍ମକର୍ତ୍ତା ଚୟନ, ଗୁଣିଆ, ରାଉଳିଆ ଓ କାଳିଶି, ଚେଙ୍ଗ, ଚିତାକୁଟା, ଲୋକ ବିଶ୍ୱାସ, ଲୋକ ସଂସ୍କୃତି, ଜୁଆଙ୍ଗଙ୍କ ଶୁଦ୍ଧିକ୍ରିୟା, ସାମାଜିକ ବିଚାର ବ୍ୟବସ୍ଥା ଓ ପାରମ୍ପରିକ ଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପୁସ୍ତକରେ ଉଲେଖ ହୋଇଛି। ପୂର୍ବରୁ ସେ ଜୁଆଙ୍ଗ ଜନଜାତିଙ୍କ ଉପରେ ଗବେଷଣା କରି 'ଆଗ, ଜୁଆଙ୍ଗ ଶବ୍ଦକୋଷ, ଜୁଆଙ୍ଗ ବ୍ୟାକରଣ, ଜୁଆଙ୍ଗ ଲୋକନୃତ୍ୟ, ଲୋକଗୀତ, ଲୋକସାହିତ୍ୟ, ଲୋକ ସଂସ୍କୃତି' ପରି ୭ଟି ପୁସ୍ତକ ଲୋକାର୍ପିତ କରିସାରିଛନ୍ତି।

### ପ୍ରଫେସର ମହମ୍ମଦ ଅବଦୁଲ ନବିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୨୬।୧୧(ସନାତନ ରାଉତ)

ଭଦ୍ରକର ଅବସରପ୍ରାପ୍ତ ଇଂଲିଶ ପ୍ରଫେସର ମହମ୍ମଦ ଅବଦୁଲ ନବିଙ୍କ ପରଲୋକ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ଦ୍ୱାରା ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟ ଓ ସୁଧାକର ରାଉତଙ୍କ ଆହ୍ୱାନକ୍ରମେ ସଭା ହୋଇଥିଲା। ନିରାକାର ଜେନା, ଫାରୁକ ଭାଇ, ଡ. କାନନ ମହାନ୍ତି, ଡ. ଉତ୍ପଳା ନାୟକ, ଡ. ଗୋଲକ ବିହାରୀ ସାହୁ, ଡ. ରାମଚନ୍ଦ୍ର ପଣ୍ଡା, ଇନ୍ଦ୍ରମଣି ପଣ୍ଡା, ଅସରଫ୍ ଅଲି ଖାଁ, କବି ବିଜୟ ବହଳୀ, ବସନ୍ତ ମହାନ୍ତି, ପଣ୍ଡିତ ବିରେନ୍ଦ୍ର ପଣ୍ଡା, ପ୍ରଫେସର ରାଧାବିନୋଦ ନାୟକ, ପ୍ରଫେସର କମଳାକାନ୍ତ ସ୍ୱାଇଁ, ଡ. ଅଭୟ କୁମାର ଦାସ, ଇଂ. ଅଖିଳ ମୋହନ ପାଢ଼ୀ, କଥାକାର ରଜନୀକାନ୍ତ ମହାନ୍ତି, ଡା. ପ୍ରଦୀପ ନାୟକ, ନାସିର ବକ୍ସ, ମୁସ୍ତାକ୍ ଗଜ୍ଜର, ଅଧିବକ୍ତା ଦିବ୍ୟସିଂହ ନାୟକ, ଗଦାଧର ବଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାବୁଲାଲ ଦାସ ଓ ଲକ୍ଷ୍ମୀକାନ୍ତ ବାରିକ ସଂଯୋଜନା କରିଥିଲେ।

# ସମ୍ବିଧାନର ଅର୍ଥକୁ ବୁଝିବା ଓ କାର୍ଯ୍ୟକାରୀ କରିବାକୁ ଆହ୍ୱାନ



ମଞ୍ଚାସୀନ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ବାଲେଶ୍ୱର,୨୬।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ତରଫରୁ ସମ୍ବିଧାନ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସମ୍ବିଧାନର ଅର୍ଥକୁ 'ସମ ବିଧାନ' ରୂପେ ସୂଚାଇ ସମସ୍ତ ନାଗରିକ ଏହାକୁ ବୁଝିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ବହିଦାର ଯୋଗଦେଇ ସମ୍ବିଧାନର ଆଦର୍ଶ ଗୁଡ଼ିକୁ କାର୍ଯ୍ୟକାରୀ ନ କରିବାରୁ କିପରି ଆମ ଦେଶର ସରକାରମାନେ ଯଥେଷ୍ଟ ପରିମାଣରେ ସଫଳ ହୋଇ ପାରିନାହାନ୍ତି ତାହା ଦର୍ଶାଇଥିଲେ। ବିଭାଗର ମୁଖ୍ୟ ଡ. ସୁନିଲ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ପ୍ରଫେସର ଅନିଲ କୁମାର ମହାପାତ୍ର ସମ୍ବିଧାନର ସୁରକ୍ଷା ନାଗରିକ ମାନଙ୍କର ସତତ ଜାଗୃତି ଦ୍ୱାରା ସମ୍ଭବ ହୋଇପାରିବ ବୋଲି କହିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ରାଜଶ୍ରୀ ଦତ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ବିଭାଗ ତଥା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ ଶତାଧିକ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମାଜ ଶାସ୍ତ୍ର ବିଭାଗର ଅଧ୍ୟାପିକା ସ୍ମୃତିସିକ୍ତା ଥାପା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ରାଜ୍ୟ ସଭାପତିଙ୍କ କୁଶପୁତ୍ତଳିକା ଦାହ

ଚାନ୍ଦବାଲି,୨୬।୧୧ (କିଷାନ ପାତ୍ର)

ଭାଜପା ପକ୍ଷରୁ ଶୁକ୍ରବାର ଚାନ୍ଦବାଲି ବ୍ଲକ ଅଫିସ୍ ଘେରାଉ ବେଳେ ଭଙ୍ଗାରୁଜା ଘଟଣାକୁ ନେଇ ରାଜନୀତି ସରଗରମ ହୋଇଛି। ବିଜେଡି ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ରବିବାର ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ପରିଷଦ ସଭ୍ୟ ତଥା ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରିନ୍ସରାକେଶ ନାୟକଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଓ ଯୁବ ଜନତା ଦଳ ପକ୍ଷରୁ ଚାନ୍ଦବାଲି ତହସିଲ ଅଫିସ ଆଗରେ କୁଶପୁତ୍ତଳିକା ଦାହ କରାଯାଇଥିଲା। ବ୍ଲକ ଯୁବ ସଭାପତି ରଞ୍ଜନ ସାହୁ, ଜିଲା ସମ୍ପାଦକ ଆଶୁତୋଷ ଭୋଇ, ଦୀପକ ରଞ୍ଜନ ରାଉତ, ଜିତେନ୍ଦ୍ର ପାଣି, ମାନସ ଦାସ, ସେକ ଫିରୋଜ, ସାଇସମ୍ଭବ ବଳ, ରାଜେଶ ପରିଡ଼ା, ପୁରୁଷୋତ୍ତମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଅପରପକ୍ଷେ ଚାନ୍ଦବାଲିରେ ଭାଜପା ପ୍ରତି ବହୁଳ ଜନ ସମର୍ଥନ ଦେଖି ବିଜେଡି ଭୟଭୀତ ହୋଇ ଔଷଧ ବିକଳରେ ତାଟିଆ କାମୁଡୁଛି ବୋଲି ରାଜ୍ୟ ସଭାପତିଙ୍କ କୁଶପୁତ୍ତଳିକା ଦାହକୁ ନେଇ ଖବରଦାତା ସମ୍ମିଳନୀରେ ଭାଜପା କହିଛି। ସ୍ଥାନୀୟ କାଳୀମନ୍ଦିର ନିକଟସ୍ଥ ପାର୍ଟି ଅଫିସରେ ଭାଜପା କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଡିଓ ଜ୍ୟୋତିବିକାଶ ଦାସଙ୍କୁ ଆକ୍ରମଣ ଘଟଣାରେ ବିଧାୟକ କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରାଯାଇଛି। ଶାସକ ଦଳର କୋଟିପତି ସରପଞ୍ଚମାନେ ଗରିବ ଲୋକଙ୍କ ଆବାସ ନିଜ ପରିବାର ନାମରେ ହାତେଇଥିବା, ରାଶନ କାର୍ଡରେ ଦୁର୍ନୀତି, ଭତ୍ତାଠାରୁ ଆରମ୍ଭ କରି ସ୍କୁଲ, ମେଡିକାଲ, କଲେଜ, ଷ୍ଟାଡିୟମ କାମରେ କୋଟି କୋଟି ଟଙ୍କାର ଦୁର୍ନୀତି କ୍ଷେତ୍ରରେ ବିଧାୟକ କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଛି ଭାଜପା। ଜିଲା ଉପସଭାପତି କମଳାକାନ୍ତ ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ସରୋଜ ବଳ, ଯୁବନେତା ବିଜୟ ବେହେରା, ଅଭୟ ବଳ, ଗୌରହରି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ଅଫିସ୍‌ରେ ଭଙ୍ଗାରୁଜା ଘଟଣାକୁ ବିଜେଡିର ନିନ୍ଦା

# 'କର୍ମ ହିଁ ଜୀବନର ଅସଲ ଧର୍ମ'


ସ୍ମୃତିସଭାରେ ସ୍ମରଣିକା ଉନ୍ମୋଚନ କରାଯାଉଛି।

ରୂପ୍‌ସା,୨୬।୧୧(ବାଞ୍ଛାନିଧି ଦେ)

### ସ୍ମରଣିକା 'ସରୋୟନ' ଉନ୍ମୋଚିତ

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ କସିପଦା ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତ ସରୋଜିନୀ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମରଣିକା 'ସରୋୟନ' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ରେଞ୍ଜର ତଥା ସାହିତ୍ୟିକ ସୁକୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମ ହିଁ ଜୀବନର ଅସଲ ଧର୍ମ ବୋଲି କହିଥିଲେ।

ସ୍ୱର୍ଗତ ପଣ୍ଡାଙ୍କ ସୁପୁତ୍ର ତଥା ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା ତାପସ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ, ସମ୍ମାନିତ ଅତିଥି ଉତ୍କଳ ଶିକ୍ଷା ପରିଷଦର ସଭାପତି ଯୋଗେନ୍ଦ୍ର ଦାସ, ଅବସରପ୍ରାପ୍ତ ଏସ୍‌ଆଇ ଶିଶିର ପଣ୍ଡା, ବୀଣାପାଣି ଶିଶୁ ମନ୍ଦିରର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ, ଯୋଗ ଶିକ୍ଷକ ପରମାନନ୍ଦ ବାରିକ, ପ୍ରାକ୍ତନ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଓ ହରେକୃଷ୍ଣ ଗିରି, ପ୍ରକୃତି ପ୍ରେମୀ ରବୀନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଣ୍ଣଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌତୁକ ଦାବିରେ ବଧୂହତ୍ୟା ଅଭିଯୋଗ

ଔପଦା,୨୬।୧୧(ଧରିତ୍ରୀ ପଣ୍ଡା)

ଯୌତୁକ ଦାବିରେ ଶାଶୁ ଘର ଲୋକେ ଜଣେ ନବବଧୂଙ୍କୁ ହତ୍ୟା କରିଥିବା ନେଇ ଔପଦା ଥାନାରେ ଅଭିଯୋଗ ହୋଇଛି। ୬ ମାସ ପୂର୍ବେ ଔପଦା ଥାନା ରାଇରାମଚନ୍ଦ୍ରପୁର ପଞ୍ଚାୟତ ମହିଷା ଡାଳି ଗ୍ରାମର ସ୍ୱର୍ଗତ ହରିହର ପାତ୍ରଙ୍କ ପୁଅ ମିଥୁନ ସେହି ପଞ୍ଚାୟତ ସୁଚିଷପାଳ ଗ୍ରାମର ଅକ୍ଷୟ ପାତ୍ରଙ୍କ ଝିଅ ନମିତାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀଙ୍କ ସହିତ ଶାଶୁ ଘର ଲୋକ ବାରମ୍ବାର ଯୌତୁକ ଦାବିକରି ନମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶନିବାର ରାତିରେ ସ୍ୱାମୀ ମିଥୁନଙ୍କ ସହ ପରିବାରର ସଦସ୍ୟମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ନମିତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଔପଦା ପୋଲିସ ଏକ ମାମଲା(ନଂ.୧୨୨/୨୩) ରୁଜୁ କରି ଯାଆ ପୂର୍ଣ୍ଣିମା ପାତ୍ର, ନଣନ୍ଦ ରଶ୍ମିତା ପାତ୍ର ଓ ଶାଶୁ ପ୍ରମିଳା ପାତ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସ୍ୱାମୀ ଓ ଦେଢ଼ଶୁର ଫେରାର ଥିବା ପୋଲିସ କହିଛି।

# ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ପ୍ରୟାସ

ବିଶୋଇ,୨୬।୧୧(ଅମିତ ଦାସ)

### ବ୍ଲକ୍‌ସ୍ତରୀୟ ଅନନ୍ୟା କାର୍ଯ୍ୟକ୍ରମ

ଗ୍ରାମାଞ୍ଚଳସ୍ତରରେ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ ତଥା ସମର୍ଥନ କରିବା ପାଇଁ ମୟୂରଭଞ୍ଜ ଗ୍ରାଣ୍ଡ ପ୍ରିମିୟମ ଲିମିଟେଡ଼(ଏମଜିପିଏଲ)ପକ୍ଷରୁ ମୟୂରଭଞ୍ଜ ଜିଲାର ବିଶୋଇ ବ୍ଲକ୍ ଅନ୍ତର୍ଗତ ମଣଦାରେ ତୃତୀୟ ଅନନ୍ୟା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏମଜିପିଏଲ ପ୍ରତିଷ୍ଠାତା ଚିନ୍ମୟ କୁମାର ଦାସଙ୍କ ସହ ପ୍ରକଳ୍ପ ମୁଖ୍ୟ ମଧୁସ୍ମିତା ବେହେରା, ଏମଜିପିଏଲ ବ୍ଲକ୍ ସଭାପତି ଆରତୀ ମହନ୍ତ ଏବଂ ସମ୍ପାଦକ କଳ୍ପନା ମହାନ୍ତ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଗ୍ରାମ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ, ଅଭିଜ୍ଞତା ବାଣ୍ଟିବା ଏବଂ ଉଦ୍ୟୋଗର ବିଭିନ୍ନ ଦିଗ ଉପରେ ମୂଲ୍ୟବାନ ଜ୍ଞାନ ଆହରଣ କରିବା ପାଇଁ ଏକ ନିଆରା ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ବୋଲି ପ୍ରତିଷ୍ଠାତା ଦାସ କହିଥିଲେ। ଶାଳ ପତ୍ର କାଟିବା, ଗୋଟ ବ୍ୟାଙ୍କ ଅଫ ଓଡିଶା ଯୋଗେ ଛେଳି ଚାଷ କରି ଲାଭବାନ ହେବା ସହିତ ମିଲେ୍‌ଟ ଚାଷ, ସବାଇ ଘାସ ହସ୍ତତନ୍ତ ଭଳି ବିଭିନ୍ନ କ୍ଷେତ୍ରରେ ଗ୍ରାମୀଣ ମହିଳାଙ୍କୁ ସଶକ୍ତିକରଣ କରିବା ପାଇଁ ସଂଗଠନର ପ୍ରତିବଦ୍ଧତାକୁ ଆଲୋକିତ କରିଥିଲେ। ଏମଜିପିଏଲର ମୂଳ ଲକ୍ଷ୍ୟ ହେଉଛି ଆୟ ବୃଦ୍ଧି ଏବଂ ମାର୍କେଟ ଲିଙ୍କେଜ, ଦକ୍ଷତା ବିକାଶ, ସଚେତନତା ଏବଂ ଉତ୍ପାଦ ବିକାଶ ମାଧ୍ୟମରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଜୀବିକା ସୁଯୋଗ ବୋଲି ପ୍ରକଳ୍ପ ମୁଖ୍ୟ ମଧୁସ୍ମିତା ବେହେରା ମତ ରଖିଥିଲେ। ଅନନ୍ୟା କାର୍ଯ୍ୟକ୍ରମରେ ବ୍ଲକ୍‌ର ସ୍ୱୟଂ ସହାୟକର ଗୋଷ୍ଠୀ ପକ୍ଷରୁ ଚିତ୍ତାକର୍ଷକ ଝୁମର ଓ ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ଉଲ୍ଲେଖନୀୟ ଅବଦାନ ପାଇଁ ବ୍ଲକ୍‌ର ୧୩ ପଞ୍ଚାୟତର ପ୍ରତିନିଧିତ୍ୱ କରୁଥିବା ୨୬ ସ୍ୱୟଂ ସହାୟକ ଗୋଷ୍ଠୀ ମାନକୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍‌ର ୧୩ ପଞ୍ଚାୟତର ଶତାଧିକ ମହିଳା ଉଦ୍ୟାଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ଆରତୀ ମହାନ୍ତ ଓ ସମ୍ପାଦିକା କଳ୍ପନା ମହାନ୍ତ ପରିଚାଳନା କରିଥିଲେ।

# 'ସମ୍ବିଧାନ ଭ୍ରାତୃତ୍ୱଭାବ ଜାଗ୍ରତ କରିଛି'

କେନ୍ଦୁଝର,୨୬।୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଦରବାର ହଲଠାରେ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅନୁମୋଦନକ୍ରମେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ। ଉଦ୍‌ବୋଧନରେ ଆମ ଦେଶ ପାଇଁ ସମ୍ବିଧାନ ପ୍ରଣୟନ କରିଥିବା ମହାମନିଷୀମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କର ଅବଦାନକୁ ଏ ଜାତି ଚିରକାଳ ମନେ ରଖିବ ବୋଲି କହିଥିଲେ। ଆମର ସମ୍ବିଧାନ ଦେଶକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନୀରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିଛି। ଦେଶବାସୀଙ୍କୁ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ପ୍ରଦାନ କରିଛି। ନାଗରିକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ମନୋଭାବ ଜାଗ୍ରତ କରିବା ସହିତ ଦେଶର ଏକତା ବଜାୟ ରଖିବା ପାଇଁ ସନ୍ଦେଶ ପ୍ରଦାନ କରିଛି ବୋଲି କହିଥିଲେ। କେନ୍ଦୁଝର ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାରୋହରେ କାର୍ଯ୍ୟାଳୟର ବିଭିନ୍ନ ବିଭାଗ, ଉପବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳ ଯଦୁମଣୀ ମହଲା କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

ସେହିପରି କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା କେନ୍ଦୁଝର ସିଭିଲ୍ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉକ୍ତ ଶିବିରରେ ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍‌ଙ୍କ ଅଧ୍ୟକ୍ଷତାରେ ସାମୁହିକ ସମ୍ବିଧାନ ମୁଖପାତ୍ର ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧିକରଣ ଅଧିବକ୍ତା, ଆଇନଜୀବୀ, ପାରା ଆଇନ ସ୍ୱେଚ୍ଛାସେବୀ, ସିଭିଲ କୋର୍ଟର କର୍ମଚାରୀ ଏବଂ ପ୍ରାଧିକରଣର କର୍ମଚାରୀଗଣ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ମାମି ବେହେରା ପରିଚାଳନା କରିଥିଲେ।

